ଉତ୍ତର ପ୍ରଦେଶର କୁଶୀନଗର ରେ ଭିଏସଏସୟୁଟିର କୃତିତ୍ୱ

ସମ୍ବଲପୁର,୯।୧୧ (ଅନୁପମ ମିଡ଼ିଆ):ବୀର ସୁରେନ୍ଦ୍ର ସାଏ ଟେକ୍ନୋଲୋଜି ବିଶ୍ୱବିଦ୍ୟାଳୟ(ଭିଏସଏସୟୁଟି) ର ଆଇଡିଆ ଇନୋଭେସନ୍ ସେଲ୍ ଅଧୀନରେ ଗଠିତ ଛଅ ଜଣିଆ ଟିମ ଭିସାଟ ଦଳ ସହକାରୀ ପ୍ରାଧାପକ ଡ. ଆଦିତ୍ୟ କୁମାର ହୋତାଙ୍କ ତତ୍ତ୍ୱାବଧାନରେ, ଉତ୍ତର ପ୍ରଦେଶର କୁଶୀନଗର ଠାରେ ଆୟୋଜିତ ଇନ- ସ୍ପେସି କେନସାଟ ନାରାୟଣୀ ରକେଟ୍ରୀ କପ ଇଣ୍ଡିଆ ପ୍ରତିଯୋଗିତା ର ଫାଇନାଲ ରେ ପହଞ୍ଚି ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି ।ଏହି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ୪୩ଟି ଦଳ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାରେ କ୍ୟାନ୍ ଆକୃତିର କ୍ଷୁଦ୍ର ଉପଗ୍ରହ ର ପରିକଳ୍ପନା, ନିର୍ମାଣ, ଉତ୍କ୍ଷେପଣ, ଟ୍ରାକିଂ ଏବଂ ପୁନରୁଦ୍ଧାର ପାଇଁ ଆହ୍ୱାନ ଦିଆଯାଇ ଥିଲା। ଏକ ଡ୍ରୋନ୍ ସାହାଯ୍ୟରେ କେନସାଟ କୁ ପୃଥିବୀ ପୃଷ୍ଠଠାରୁ ପ୍ରାୟ ୧ କିଲୋମିଟର ଉଚ୍ଚତାକୁ ନିଆଯାଇ ସେଠାରୁ ମୁକ୍ତ କରାଯାଇ ଅବତରଣ କରାଯାଉଥିଲା। ଅବତରଣ ସମୟରେ ଟେଲିମେଟ୍ରି ତଥ୍ୟ ଗ୍ରହଣ କରି କେନସାଟ ର ପ୍ରକୃତ ସମୟର ଅବସ୍ଥିତି କ୍ରମାଗତ ଭାବେ ଟ୍ରାକ୍ କରିବା ଏବଂ ଏହାକୁ ସଫଳତାର ସହ ଉଦ୍ଧାର କରିବା ପ୍ରତିଯୋଗୀ ଦଳଗୁଡ଼ିକର ମୁଖ୍ୟ ଦାୟିତ୍ୱ ଥିଲା। ଏହି ମିଶନ୍‌କୁ ସଫଳତାର ସହ ସମ୍ପନ୍ନ କରି ଉତ୍କ୍ଷେପଣ ସ୍ଥଳରେ କେନସାଟ କୁ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ଅକ୍ଷତ ଅବସ୍ଥାରେ ଉଦ୍ଧାର କରିବାରେ ସଫଳ ହୋଇଥିଲା । ଏହି ପ୍ରତିଯୋଗିତା ସମୟରେ ଇନ ସ୍ପେସି ର ଅଧକ୍ଷ ଡ. ପୱନ୍ ଗୋଏଙ୍କା ଏବଂ ର ପ୍ରମୋସନ୍ ନିର୍ଦ୍ଦେଶାଳୟ ରନିର୍ଦ୍ଦେଶକ ଡ. ବିନୋଦ କୁମାରଙ୍କ ସହ ମତବିନିମୟ କରିଥିଲେ । ଉପଦେଷ୍ଟା ଡ. ଦେବୀଦାସୀ ମହାନ୍ତି, ଡିନ ରାକେଶ ରୋଶନ ଦାଶ, ଡିନ୍, ଛାତ୍ର କଲ୍ୟାଣ ଏବଂ କୁଳପତି ଦୀପକ କୁମାର ସାହୁଙ୍କ ତତ୍ତ୍ୱାବଧାନ ରେ ବିଦ୍ୟାର୍ଥୀ ମାନେ ଏହି ଉପଲବ୍ଧି ହାସଲ କରିଛନ୍ତି।









